**108** III

Total No. of Questions – 16
Total No. of Printed Pages – 4

Regd. No.

| | | | | | | | | | |
|---|---|---|---|---|---|---|---|---|---|

## Part – II
## ODIA, Paper-I
(Second Language)

*Time : 3 Hours ]* *[ Max. Marks : 100*

**ନିର୍ଦ୍ଦେଶ :** ପ୍ରତ୍ୟେକ ପ୍ରଶ୍ନର ଉତ୍ତର କ୍ରମାନ୍ୱୟ ଭାବରେ ଲେଖିବା ଉଚିତ । ଅନ୍ୟଥା ଉପଯୁକ୍ତ ନମ୍ବର ପାଇବାରୁ ବଞ୍ଚିତ ହେବେ ।

1. ଯେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ । $1 \times 10 = 10$

   (କ) "ସତ୍ୟ ଆମ୍ଭ କଥା" କବିତାରେ ପାଣ୍ଡବ ମାନଙ୍କ ସତ୍ୟନିଷ୍ଠା କିପରି ପ୍ରକାଶିତ ହୋଇଛି ଆଲୋଚନା କର ।

   (ଖ) "ଗଲାଣିତ ଗଳାକଥା" କବିତା ଆଧାରରେ କବିସୂର୍ଯ୍ୟଙ୍କ କବିତ୍ୱ ଓ ପାଣ୍ଡିତ୍ୟର ମୂଲ୍ୟାୟନ କର ।

2. ଯେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ । $1 \times 10 = 10$

   (କ) ଅସୁର ଦୀଘିର ପ୍ରାକୃତିକ ବର୍ଣ୍ଣନା ଅତ୍ୟନ୍ତ ହୃଦୟସ୍ପର୍ଶୀ – ଏ ଉକ୍ତିର ବର୍ଣ୍ଣନା କର ।

   (ଖ) ଭେଷଜ ବିଜ୍ଞାନରେ ଜିନ୍ ତତ୍ତ୍ୱର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ – ଏ ଉକ୍ତିର ବିଶ୍ଳେଷଣ କର ।

3. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏର** ସରଳାର୍ଥ ଲେଖ । $1 \times 5 = 5$

   (କ) ହସ୍ତ ବଢ଼ାଇ ଗୋପୀନାଥେ,
   ଖୁଆ ଧରିଲେ ବାମ ହସ୍ତେ ।

   (ଖ) ଲୁହ ନାହିଁ ରକ୍ତ ବହୁଥାଇ ମୋର ଶ୍ରୀହସ୍ତେ ଦିଅଇ ପୋଛି,
   କେହି ନ ଜାଣନ୍ତି ଶ୍ରୀଗୁରୁ ଜାଣନ୍ତି ଯେତେ କଷ୍ଟ ପାଇ ଅଛି ।

4. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏର** ସରଳାର୍ଥ ଲେଖ । **1 × 5 = 5**

(କ) କିନ୍ତୁ ସମଗ୍ର ଭାରତରେ କେବଳ ସେହି ଗୋଟିଏ ସ୍ୱର ଶୁଣିଲି – "ଓଡ଼ିଶା ବହୁତ୍ ଗରିବ ଦେଶ ହୈ ।"

(ଖ) ଏଣୁ ଢିନ୍ ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ପୂରା ମାତ୍ରାରେ ଦାୟୀ ।

5. ଯେ କୌଣସି **ଚାରୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । **4 × 2 = 8**

(କ) ଦ୍ରୌପଦୀ କାହିଁକି କେଶ ବନ୍ଧନ କରୁନଥିଲେ ଓ କେବେ କରିବେ ?

(ଖ) ମାଛମାନେ କାହିଁକି ଗଭୀର ଜଳରେ ପ୍ରବେଶ କଲେ ?

(ଗ) ରାଧାଙ୍କ ବିବେକକୁ କିଏ କାହିଁକି ଘଉଡ଼ାଇ ଦେଲା ?

(ଘ) "ଯାହାର ନାହିଁ ଆଦି ଅନ୍ତ" ପ୍ରସଙ୍ଗ ସହ ବ୍ୟାଖ୍ୟା କର ?

(ଙ) କେଉଁ କଥା ମନେ ପଡ଼ିଲେ କବିଙ୍କ ପିଣ୍ଡକରତି ହେଉଥିଲା ?

6. ଯେ କୌଣସି **ଚାରୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । **4 × 2 = 8**

(କ) ଅସୁର ଦୀଘିରେ ପୁରୁଷମାନେ ଗାଧୋଇବା ବେଳେ କି କି ଆଲୋଚନା କରି ଥାଆନ୍ତି ?

(ଖ) ଆମେରିକାର ଛାତ୍ରାବାସ ସମ୍ବନ୍ଧରେ ଲେଖକ କ'ଣ କହି ଥିଲେ ?

(ଗ) ଓଡ଼ିଆମାନେ କେଉଁ ପରିସ୍ଥିତିରେ ପଡ଼ି କଲିକତା, ରେଙ୍ଗୁନ୍ ଓ ଆସାମ୍ ଯାଉଥିଲେ ?

(ଘ) ସନ୍ତାନ ସନ୍ତତିମାନେ କିପରି ବୁଦ୍ଧିମାନ ହୋଇ ପାରିବେ ?

(ଙ) ସେନ୍‌ସାସ୍ ରିପୋର୍ଟରୁ କ'ଣ ଜଣାଯାଏ ?

7. ନିମ୍ନ ଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର **ଗୋଟିଏ** ପଦ ବା ବାକ୍ୟରେ ପ୍ରଦାନ କର : **5 × 1 = 5**

(କ) "ସରସୀରେ ରାଜକନ୍ୟା" କବିତାର କବି ?

(ଖ) କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ କାହାର କୃତି ?

(ଗ) ତୁମ ପଠିତ କେଉଁ କବି ସନ୍ଥ କବି ଭାବେ ପରିଚିତ ?

(ଘ) "ଛାଟ ପକାଇ କଲେ ଚିନ୍ତା" କବିତାଟି କେଉଁ ଗ୍ରନ୍ଥରୁ ଗୃହୀତ ?

(ଙ) ନ ପଢ଼ି ପଣ୍ଡିତ କିଏ ?

8. ନିମ୍ନ ଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଗୋଟିଏ ବାକ୍ୟରେ ପ୍ରଦାନ କର : $5 \times 1 = 5$

(କ) ଦୀପଦଣ୍ଡୀ କହିଲେ କ'ଣ ?

(ଖ) କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ତୁମ ପଠିତ ପ୍ରବନ୍ଧ ?

(ଗ) "ଆମେରିକାର ବିଶ୍ୱବିଦ୍ୟାଳୟମାନେ" ପ୍ରବନ୍ଧଟି କେଉଁ ପୁସ୍ତକରୁ ସଂଗୃହୀତ ?

(ଘ) "ଶିକ୍ଷା ହେଉଛି ମାନବ ଆତ୍ମାର ଅଭିବୃଦ୍ଧି" – ଏ କଥା କିଏ କହିଛନ୍ତି ?

(ଙ) ଡ଼ି.ଏନ୍.ଏ.ର ପୂରା ନାମ ?

9. "ଦୂରପାହାଡ଼" – ଏକାଙ୍କିକା ମାଧ୍ୟମରେ ହରେନ୍ଦ୍ର ବାବୁଙ୍କ ଚରିତ୍ରର ମହତ୍ତ୍ୱ ବିଚାର କର । $1 \times 10 = 10$

କିମ୍ବା

"ମକଦ୍ଦମା" ଏକାଙ୍କିକାର ନାମ କରଣର ସାର୍ଥକତା ପ୍ରତିପାଦନ କର ।

10. ତୁମ ଅଞ୍ଚଳରେ ବ୍ୟାପିଥିବା ହଇଜା ରୋଗର ନିବାରଣ ପାଇଁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ନିକଟକୁ ନିବେଦନ ପତ୍ରଟିଏ ଲେଖ । $1 \times 5 = 5$

କିମ୍ବା

ତୁମେ ଦେଖିଥିବା ବିଜ୍ଞାନ ମେଳା ସଂପର୍କରେ ତୁମ ଅଭିଜ୍ଞତା ଜଣାଇ ତୁମ ବନ୍ଧୁଙ୍କ ନିକଟକୁ ପତ୍ର ଲେଖ ।

11. (କ) ବଙ୍ଗଳାଶ୍ରୀ କିମ୍ବା ରାମକେରୀ ଛନ୍ଦର ଲକ୍ଷଣ ଲେଖି ଉଦାହରଣ ଦିଅ । $1 \times 4 = 4$

(ଖ) ରୂପକ କିମ୍ବା ଅନୁପ୍ରାସ ଅଳଙ୍କାରର ଲକ୍ଷଣ ଲେଖି ଉଦାହରଣ ଦିଅ । $1 \times 4 = 4$

12. ଯେ କୌଣସି ତିନୋଟିର ସନ୍ଧି ବିଚ୍ଛେଦ କର । $1 \times 3 = 3$

ଦିଗମ୍ବର, ନୟନ, ନୀରବ, ସଂସ୍କାର, ଏକୈକ

13. ଯେ କୌଣସି ତିନୋଟିର ବିଗ୍ରହ ବାକ୍ୟ ସହ ସମାସ ନାମ ଲେଖ । $1 \times 3 = 3$

ଧନଜୀବନ, ଲମ୍ବୋଦର, ତ୍ରିଫଳା, ବଟବୃକ୍ଷ, ଗୃହାଗତ

14. ଯେ କୌଣସି ତିନୋଟିର ବିପରୀତାର୍ଥ ବୋଧକ ଶବ୍ଦ ଲେଖ । $1 \times 3 = 3$

ସ୍ଥାବର, ନବୀନ, ସୁଗମ, ଆବିର୍ଭାବ, ଉତ୍କର୍ଷ

15. ଯେ କୌଣସି ତିନୋଟିର ଲିଙ୍ଗ ବଦଳାଅ । $1 \times 3 = 3$

ଯୁବକ, ବିଦେଶୀ, ଅଭିନେତା, ସଭ୍ୟ, ବ୍ରାହ୍ମଣ

16. (କ) ଯେ କୌଣସି **ଚାରୋଟି** ରୂଢ଼ିର ଅର୍ଥ ଲେଖି ବାକ୍ୟରେ ପ୍ରୟୋଗ କର : $1 \times 4 = 4$

ଝିରାରୁ ଶିରା ବାହାର କରିବା, ନାଁ କରିବା, ଅରଣ୍ୟ ରୋଦନ, ଗୋବର ଗଣେଶ, ଲଗା ନା ପଘା, ଅଲଣା କଥା

(ଖ) ପ୍ରଦତ୍ତ ଅନୁଚ୍ଛେଦଟିକୁ ପାଠ କରି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ଲେଖ । $1 \times 5 = 5$

ମାନବର ଆତ୍ମା ହିଁ ମାନବର ବ୍ୟକ୍ତିଗତ ଆତ୍ମାକୁ ବୁଝାଇ ଥାଏ, ଯାହାକି ସେହି ବ୍ୟକ୍ତି ବିଶେଷର ସ୍ୱାର୍ଥସିଦ୍ଧି କ୍ଷମ ଆତ୍ମା । ଅନେକ ସମୟରେ ଏହି ଆତ୍ମାକୁ ମଧ୍ୟ ସଂକୀର୍ଣ୍ଣ ଅର୍ଥରେ ପ୍ରୟୋଗ କରାଯାଇ ଥାଏ । ଯାହା କେବଳ ଦୈନିକ ସ୍ୱାର୍ଥ ସହିତ ଜଡ଼ିତ । ପ୍ରତ୍ୟେକ ମାନବ ଆତ୍ମାର ଭିନ୍ନମୁଖୀ ଦୁଇଗୋଟି ଦିଗ ରହିଛି । ଗୋଟିଏ ବ୍ୟକ୍ତିର ପ୍ରୟୋଜନ ସିଦ୍ଧି ଅଭିମୁଖୀ ହେଲାବେଳେ ଅନ୍ୟଟି ସମଷ୍ଟିର, ଜାତିର, ଦେଶର ଅଭିବୃଦ୍ଧି ସାଧନାରେ ଅପିପ୍ରେତ । ମାନବ ଜୀବନରେ ଚିନ୍ତା ଓ କାର୍ଯ୍ୟ ଦୃଢ଼ ଭାବରେ ସଂଶ୍ଳିଷ୍ଟ । ଚିନ୍ତା ଦ୍ୱାରା କାର୍ଯ୍ୟକୁ ନିୟନ୍ତ୍ରଣ କଲାବେଳେ କାର୍ଯ୍ୟ ଚିନ୍ତାକୁ ମଧ୍ୟ ପ୍ରଭାବିତ କରିଥାଏ । ତେଣୁ ଆତ୍ମାକୁ ଶୁଦ୍ଧି କରିବାକୁ ହେବ, ନଚେତ୍ ଏହା ଏତେ ପ୍ରଭାବ ବିସ୍ତାର କରେ ଯେ କାର୍ଯ୍ୟ ମନ୍ଦ ହୋଇଥିଲେ ମାନବର ଆତ୍ମା ଦୁରାତ୍ମାରେ ପରିଣତ ହୁଏ ।

ପ୍ରଶ୍ନ :

(କ) ମାନବର ଆତ୍ମା କହିଲେ କ'ଣ ବୁଝାଏ ?

(ଖ) ସଂକୀର୍ଣ୍ଣ ଅର୍ଥରେ ଆତ୍ମାର ଅର୍ଥ କ'ଣ ?

(ଗ) ପ୍ରତ୍ୟେକ ଆତ୍ମାର କେତୋଟି ଦିଗ ରହିଛି ?

(ଘ) ଆତ୍ମାଶୁଦ୍ଧି ପାଇଁ କ'ଣ କରିବାକୁ ହେବ ?

(ଙ) ମାନବର ଆତ୍ମା କେତେବେଳେ ଦୁରାତ୍ମାରେ ପରିଣତ ହୁଏ ?

---